PR No- ୨୭/2025

ରେଭିନ୍ୟୁ ମିସ କେସ ନଂ- ୦୭/୨୦୨୫

# ତହସିଲଦାରଙ୍କ କାର୍ଯ୍ୟାଳୟ,ବାରିପଦା

## ଇସ୍ତାହାର

ଏତଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆ ଯାଉଅଛି ଯେ,ନିମ୍ନ ତଫସିଲ ବର୍ଣ୍ଣିତ ଜମି ନିମ୍ନ ଆବେଦନକାରୀଙ୍କୁ ଘରଡିହ ଲିଜ ଭାବେ ହସ୍ତାନ୍ତର କରିବାର ପ୍ରସ୍ତାବ ହୋଇଅଛି । ଏଥିରେ ଅବେଦନକରୀ ଙ୍କ ନାମ, ଠିକଣା ଏବଂ ପ୍ରସ୍ତାବିତ ଜମିର ଖାତା ନଂ, ପ୍ଲଟ ନଂ,କିସମ, ଜମିର ପରିମାଣ ଉଲ୍ଲେଖ କରାଯାଇଅଛି | ଯେହେତୁ ଉକ୍ତ ଜମିର କିସମ- ଡାହି -୧ ଅଛି ତାର ପରିବର୍ତ୍ତନ ଆବଶ୍ୟକ ହେଉଅଛି । ଏଣୁ ଏହି କିସମ ପରିବର୍ତ୍ତନରେ କାହାର କୌଣସି ଆପତ୍ତି ଅଭିଯୋଗ ଥିଲେ ଇସ୍ତାହାର ଜାରି ହେବାର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ଵାକ୍ଷରକାରୀଙ୍କ ଅଦାଲତରେ ଆବଶ୍ୟକ କୋର୍ଟ ଫି ଲଗାଇ ଲିଖିତ ଆକାରରେ ଆପତ୍ତି ଅଭିଯୋଗ ଜଣାଇବେ । ମିଆଦ ଗତେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ ।

## ତ ଫ ସି ଲ

ମୌଜାର ନାମ- ନୟାପୁରୁଷୋତ୍ତମପୁର ଥାନାର ନାମ :- ବେତନଟୀ ନଂ:- ୧

| ଖାତା ନଂ | ପ୍ଲଟ ନଂ | କିସମ | ରକବା (ଏକରରେ) | ଆବେଦନକାରୀଙ୍କ ନାମ ଓ ଠିକଣା |
|---|---|---|---|---|
| ୯୫ (ଆବାଦ ଯୋଗ୍ୟ ଅନାବାଦୀ) | ୧/ ୧୦ | ଡାହି -୧ | ଏ. ୦.୦୪ | ନାମ- ଆରତୀ ରଣା<br>ସ୍ଵା- ପ୍ରଦୀପ ରଣା<br>ବା- ସ୍ଵରୁପବିଲା |
| ମୋଟ | | | ଏ. ୦.୦୪ | |

ଏହାର ଏକକିତା ନକଲ ନୟାପୁରୁଷୋତ୍ତମପୁର ମୌଜାରେ ଡେଙ୍ଗୁରା ଦ୍ଵାରା ଜାରି କରିବାକୁ ପଠାଗଲା । ଏହାର ଏକକିତା ନକଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବାରିପଦା / ବୁଢ଼ୀଖମାରି ଗ୍ରାମ ପଂଚାୟତ କାର୍ଯ୍ୟାଳୟ / ରାଜସ୍ଵ ନିରୀକ୍ଷକ, ବୁଢ଼ୀଖମାରିଙ୍କ ନୋଟିସ ବୋର୍ଡରେ ପ୍ରକାଶନ କରିବାକୁ ପଠାଗଲା । ସେମାନଙ୍କ ମତାମତ ଯଦିଥାଏ, ତେବେ ନିର୍ଦ୍ଧାରିତ ତାରିଖ ମଧ୍ୟରେ ପଠାଇବାକୁ ଅନୁରୋଧ ।

ଏହାର ଏକକିତା ନକଲ ବାରିପଦା ତହସିଲ ଅଫିସ ନୋଟିସବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜାରି କରାଗଲା ।

ଏହାର ଏକକିତା ନକଲ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ, ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର, ମୟୂରଭଞ୍ଜ ବାରିପଦାଙ୍କ ଅବଗତି ଏବଂ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜାରି କରାଗଲା ।

ତହସିଲଦାର,ବାରିପଦା

TAHASILDAR
BARIPADA